


# ସମାନ ଭାଗରେ ବାଣ୍ଟିବା



ଟିକୁ, ମିକୁ, ଟୁକୁ ତିନି ଠେକୁଆ,
ଲିଚୁ ଗଛ ମୂଳେ ହୋଇଲେ ଠିଆ ।
ତିନିକୁ ତିନିହେଁ ମାରିଲେ ଡିଆଁ,
ପାଇଲେନି କୋଳି ହେଲେ ହାଲିଆ ।



ଟିକୁ, ମିକୁ ହାତ ଉପରେ ଚଢ଼ି,
କୋଳି ଡାଳେ ଲଗାଇଲା ଆଙ୍କୁଡ଼ି ।
ପାଖେ ଥିଲା ଟିକି ଠେକୁଆ ଟୁକୁ,
ମିକୁ କାଖେ କଲା କୁତୁକୁତୁ ।



କୁତୁ କୁତୁ ଦାଉ କିଏ ସମ୍ଭାଳେ,
ହସି ହସି ମିକୁ ଗଡ଼ିଲା ତଳେ ।
ଦେଖି ମଜା ଟୁକୁ ମାଇଲା ତାଳି,
ଗଛ ଡାଳେ ଟିକୁ ଥିଲା ଓହଳି ।



ଭାଙ୍ଗି ଗଲା ଡାଳ ପଡିଲା ତଳେ,
ଆଃ ... କହି ଚିକୁ ଅଣ୍ଟା ସାଉଁଳେ ।

ସେହି  ଡାଳେ ଥିଲା ନଅଟି କୋଳି,
ବାଣ୍ଟି ଖାଇବାକୁ ଲାଗିଲେ କଳି ।
ବେଶୀ ମୁଁ ଖାଇବି କେ କହେ ଛଳେ,
ମୋ ଯୋଗୁ କୋଳି ପଡ଼ିଲା ତଳେ ।



ଶୁଣୁଥିଲା ସବୁ ମାଙ୍କଡ଼ ବସି,
ଏକାଡ଼ିଆଁକରେ ତଳକୁ ଆସି ।
ବସାଇଲା ତାଙ୍କୁ କାନକୁ ଧରି
ବାଣ୍ଟି ଦେଲା କୋଳି ସମାନ କରି ।





ଗୋଟିଏ ଗୋଟିଏ ସଭିଙ୍କୁ ଦେଲା,
ଆହୁରି ଦେବି ନ କର ଝାମେଲା ।



ପୁଣି ଗୋଟିଏ ଗୋଟିଏ ଦେଲା,
ଦୁଇ ଦୁଇ କୋଳି ଜଣକା ହେଲା ।

ଶେଷରେ ଗୋଟିଏ ଗୋଟିଏ ଦେଲା,
ଭାଗକେ ତିନୋଟି କୋଳି ପଡ଼ିଲା ।
ଦେଖି ମାଙ୍କଡ଼ର ବାଣ୍ଟିବା ନୀତି,
ତାଟକା ହେଲେ ଠେକୁଆ ତିନି ।



ମାଙ୍କଡ଼କୁ କଲେ ଗୁରୁ ତାଙ୍କର,
ପାଦ ତଳେ ତା'ର କଲେ ଜୁହାର ।
ଭଲ ଏହି ବାଟ ଜାଣିଲୁ ଆମେ,
ଭୁଲିବୁନି କେବେ ଲାଗିବ କାମେ ।



ଏବେ କହ ଓ ଲେଖ–

- କେତୋଟି ଠେକୁଆ କୋଳି ଖାଇବାକୁ ଯାଇଥିଲେ ? ______________
- ଗଛ ଡାଳରୁ କେତୋଟି କୋଳି ପଡ଼ିଲା ? ______________
- ଠେକୁଆଙ୍କ ମଧ୍ୟରେ କାହିଁକି କଳି ହେଲା ? ______________
- କିଏ ଠେକୁଆଙ୍କ କୋଳି ବାଣ୍ଟି ଦେଲା ? ______________
- ମାଙ୍କଡ଼ କିପରି କୋଳି ବାଣ୍ଟିଲା ? ______________
- ଆଗ କେତୋଟି ଲେଖାଁଏ କୋଳି ଦେଲା ? ______________
- ତା'ପରେ କେତୋଟି ଲେଖାଁଏ କୋଳି ଦେଲା ? ______________
- ଶେଷରେ କେତୋଟି ଲେଖାଁଏ କୋଳି ଦେଲା ? ______________
- ଜଣକେ କେତୋଟି ଲେଖାଁଏ କୋଳି ପାଇଲେ ? ______________

ମା' ଗୁଣ୍ଡୁଚି ଛୁଆମାନଙ୍କ ମଧ୍ୟରେ ଆମ୍ବ ବାଣ୍ଟୁଥିଲା ।



ମା' ଗୁଣ୍ଡୁଚି କେତେ ଥର ଲେଖାଏଁ ଆମ୍ବ ଦେଇଛି ? ____________

ଆଉ କେତେଥର ଆମ୍ବ ଦେବ ? ____________



ଏହି ମାଛ ଦୁଇଟି କେଉଁ କେଉଁ ବିଲେଇ ଆଳିରେ ଦିଆଯିବ ଗାର ଦେଇ ଚିହ୍ନାଅ ?

ବାଣ୍ଟିବା ଶେଷ ହେଲେ ଗୋଟିଏ ଭାଗରେ କେତୋଟି ମାଛ ରହିବ ? ____________



ଏହି ବତକ ତିନୋଟି କେଉଁ କେଉଁ ଦଳକୁ ଗଲେ
ସବୁ ଦଳରେ ସମାନ ବତକ ହେବେ ? ଗାର ଦେଇ ଚିହ୍ନାଅ ।

- ଗୋଟିଏ ଦଳରେ ୪ଟି ମୂଷା । ମୁଣ୍ଡୁଳୀ ବୁଲାଇ କେତୋଟି ଦଳ ହେଲା କୁହ ।



ମୋଟ ଦଳ ସଂଖ୍ୟା = ________

## ଅଭ୍ୟାସ କାର୍ଯ୍ୟ

୧. ସୂଚନା ଅନୁଯାୟୀ ଦଳ ଗଠନ କର ।

(କ) ୩ଟି କୁକୁଡ଼ା ଛୁଆରେ ଗୋଟିଏ ଦଳ, କେତୋଟି ଦଳ ହେବ ?



(ଖ) ୫ଟି ଶୁଆରେ ଗୋଟିଏ ଦଳ । ମୋଟ ଦଳ ସଂଖ୍ୟା



(ଗ) ଗୋଟିଏ ପିଲାକୁ ୪ଟି ଚକୋଲେଟ୍ ଦେଲେ କେତେଜଣ ପିଲା ଖାଇବେ ?



(ଘ)



୩ଟି ବେଲୁନ୍ ନେଇ ଗୋଟିଏ ପେନ୍ଥା କଲେ

——— ଟି ପେନ୍ଥା



୫ଟି ବେଲୁନ୍ ନେଇ ଗୋଟିଏ ପେନ୍ଥାକଲେ

——— ଟି ପେନ୍ଥା

୨. ନିଜେ ୧୫ଟି ବେଲୁନ୍ ଚିତ୍ର କର । ୪ଟି ବେଲୁନ୍‌ରେ ଗୋଟିଏ ପେନ୍ଥାକର ।

କେତୋଟି ପେନ୍ଥା କଲ ? ______

କେତୋଟି ବେଲୁନ୍ ବଳିଲା ? ______